# ମହିଳା ପ୍ରତିନିଧି ମାନଙ୍କର ଜିଲ୍ଲା ସ୍ତରୀୟ ମତାମତ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର ୧୦/୧୨/୨୦୧୯ : ଆଜି ଭୁବନେଶ୍ୱର ର ରେଡକ୍ରସ ଭବନ ଠାରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ଓ ଦି ହଙ୍ଗର ପ୍ରୋଜେକ୍ଟ ର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି ମହିଳା ପ୍ରତିନିଧି ମାନଙ୍କର ଜିଲ୍ଲା ସ୍ତରୀୟ ମତାମତ ବିନିମୟ କାର୍ଯ୍ୟକ୍ରମ। ଏଥିରେ ଖୋର୍ଦ୍ଧା ଜିଲ୍ଲା ର ବାଲିଅନ୍ତା ଓ ବୋଲଗଡ ବ୍ଲକ ର ୩୫ ରୁ ଉର୍ଦ୍ଧ୍ୱ ମହିଳା ପ୍ରତିନିଧି ମାନେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଚିଦାନନ୍ଦ ପତି, ଜିଲ୍ଲା ଶିଶୁ ସୁରକ୍ଷ ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସନ୍ଧ୍ୟାରାଣୀ ଗୁରୁ ଓ ବିଏମସି ଭୁବନେଶ୍ୱର ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦେଇ ଥିଲେ । ସେମାନେ ମହିଳା ପ୍ରତିନିଧି ମାନଙ୍କୁ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଶିଶୁ ଓ ମା ର ଯତ୍ନ , ଗ୍ରାମ୍ୟ ବିପର୍ଯ୍ୟୟ ସମିତି ର ଗଠନ ଓ ଏଥିରେ ମହିଳା ମାନଙ୍କର ଭୂମିକା ଏବଂ ସେମାନଙ୍କର ସମସ୍ୟା, ବିପର୍ଯ୍ୟୟର ମୁକାବିଲା ପାଇଁ ଯୋଜନା ଓ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଓ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଲିଭା ମହିଳା ପ୍ରତିନିଧି ମହାସଂଘ ର ସଭାପତି ଓ ବେଣୁପୁର ର ସରପଞ୍ଚ ରଶ୍ମିତା ପାତ୍ର ମଧ୍ୟ ଏଠାରେ ଉପସ୍ଥିତ ଥିଲେ । ମହିଳା ପ୍ରତିନିଧି ମାନେ ମଧ୍ୟ ସେମାନଙ୍କର ସମସ୍ୟା ଯଥା ଶିଶୁ ସୁରକ୍ଷା କମିଟିକୁ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ କରିବା, ଅଙ୍ଗନବାଡି ର ସମସ୍ତ ଯୋଜନା କୁ ଲୋକଙ୍କୁ ଜଣାଇବା, ଧନୁଆ ନଦୀ ପାଖ କେନାଲ ବନ୍ଧ କୁ ଉଚ୍ଚା କରିବା, ବିପର୍ଯ୍ୟୟ ର କ୍ଷତିଗ୍ରସ୍ତ ହୋଇଥିବା ପ୍ରକୃତ ହିତାଧିକାରୀ ଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ଇତ୍ୟାଦି ଙ୍କୁ ଏଠାରେ ଉପସ୍ଥାପନ କରିଥିଲେ । ପିକକ୍ ର ପ୍ରଶାନ୍ତ କୁମାର ମର୍ଦ୍ଦ , ଉପମା ମହାନ୍ତି, ବାମଦେବ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।